The Odisha Gazette

EXTRAORDINARY
PUBLISHED BY AUTHORITY

No. 262, CUTTACK, TUESDAY, FEBRUARY 6, 2024/MAGHA 17, 1945

**HOUSING & URBAN DEVELOPMENT DEPARTMENT**

NOTIFICATION

The 6th February, 2024

**S.R.O. No.66**/2024─ Whereas, the draft of certain rules further to amend the Odisha Municipal Corporation Rules, 2004 was published as required under sub-section (1) of Section 656 of the Odisha Municipal Corporation Act, 2003 (Odisha Act, 11 of 2003), in the Extra-ordinary issue of the *Odisha Gazette* No. 122, dated the 16th January, 2024 under the notification of the Government of Odisha in the Housing & Urban Development Department No.1343-HUD-LEGIS-POLICY-0002-2024 dated the 16th January, 2024 as **S.R.O. No**. **33**/2024, inviting objections and suggestions from all persons likely to be affected thereby till the expiry of the period of fifteen days from the date of publication of the said notification in the *Odisha Gazette*;

And, whereas, no objection or suggestion has been received in respect of the said draft within the stipulated period;

Now, therefore, in exercise of the powers conferred by sub-section (1) of Section 656 of the said Act, the State Government do hereby make the following rules further to amend the Odisha Municipal Corporation Rules, 2004 , namely :─

**1. Short Title and Commencement — (1)** These rules may be called the Odisha Municipal Corporation (Amendment) Rules, 2024.

(2) They shall come into force on the date of their publication in the *Odisha Gazette*.

**2.** In the Odisha Municipal Corporation Rules, 2004,(hereinafter referred to as the said rules), for rule 13, the following rule shall be substituted, namely:—

"**13. Sitting allowance of Corporators and Members of the Standing Committee.-**

(1) Every Corporator shall receive sitting allowance out of Corporation Fund per meeting at the rate as may be specified by the Government, by notification, from time to time.

(2) Every member of Standing Committee including the Chairman shall receive sitting allowance out of Corporation Fund at the rate per month for every meeting of the Standing Committee as may be specified by the Government, by notification, from time to time.".

**3.** In the said rules, for rule 14, the following rule shall be substituted, namely:—

"**14. Monthly remuneration of Mayor and Deputy Mayor.-** The Mayor and the Deputy Mayor shall receive monthly remuneration out of Corporation Fund at the rates as may be specified by the Government, by notification, from time to time.".

[No.2918─HUD-LEGIS-POLICY-0001/2024/HUD.]

By Order of the Governor

G. MATHI VATHANAN

Additional Chief Secretary to Government

# ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

## ଅଧିସୂଚନା

ତା 6 ଫେବୃୟାରୀ 2024 ରିଖ

**ଏସ. ଆର. ଓ . ସଂଖ୍ୟା 66**/2024 **—** ଯେହେତୁ ଓଡ଼ିଶା ପୌର ନିଗମ ନିୟମାବଳୀ, 2004କୁ ଅଧିକତର ସଂଶୋଧନ କରିବା ନିମନ୍ତେ ଏକ ଚିଠା ନିୟମାବଳୀ ଓଡ଼ିଶା ପୌର ନିଗମ ଅଧିନିୟମ,2003 (2003 ର ଓଡ଼ିଶା ଅଧିନିୟମ, 11) ର ଧାରା 656 ର ଉପଧାରା (1) ଦ୍ୱାରା ଆବଶ୍ୟକ ହେଉଥିବା ପ୍ରକାରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଅଧିସୂଚନା ସଂଖ୍ୟା 1343-ଏଚ.ୟୁ .ଡି-ଲେଜିସ-ପଲିସି-0002-2024, ତା 16 ଜାନୁୟାରୀ, 2024 ରିଖରେ *ଓଡ଼ିଶା ଗେଜେଟ*ରେ ଅସାଧାରଣ ସଂଖ୍ୟା 122 ତା 16 ଜାନୁଆରୀ 2024 ରିଖରେ **ଏସ. ଆର. ଓ . ସଂଖ୍ୟା 33**/2024 ଭାବରେ ପ୍ରକାଶ କରାଯାଇ ତଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କଠାରୁ ଉକ୍ତ ଅଧିସୂଚନା *ଓଡିଶା ଗେଜେଟ*ରେ ପ୍ରକାଶିତ ହେବାର ପନ୍ଦର ଦିନ ମଧ୍ୟରେ ଆପତ୍ତି ଓ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା **;**

ଏବଂ ଯେହେତୁ ପୂର୍ବୋକ୍ତ କାଳାବଧି ମଧ୍ୟରେ ଉକ୍ତ ଚିଠା ସମ୍ବନ୍ଧରେ କୌଣସି ଆପତ୍ତି ବା ପ୍ରସ୍ତାବ ପ୍ରାପ୍ତ ହୋଇନାହିଁ **;**

ତେଣୁ ସମ୍ପ୍ରତି, ରାଜ୍ୟ ସରକାର, ଉକ୍ତ ଅଧିନିୟମର ଧାରା 656 ର ଉପଧାରା (1) ଦ୍ବାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ଓଡ଼ିଶା ପୌର ନିଗମ ନିୟମାବଳୀ, 2004 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ଏତଦ୍ୱାରା ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଅଛନ୍ତି, ଯଥା **:—**

**1. ସଂକ୍ଷିପ୍ତ ନାମ ଏବଂ ପ୍ରାରମ୍ଭ.— (1 )** ଏହି ନିୟମାବଳୀ, ଓଡ଼ିଶା ପୌର ନିଗମ (ସଂଶୋଧନ) ନିୟମାବଳୀ, 2024 ନାମରେ ଅଭିହିତ ହେବ ।

(2) ଏହା *ଓଡ଼ିଶା ଗେଜେଟରେ* ଯେଉଁ ତାରିଖରେ ପ୍ରକାଶିତ ହେବ ସେହି ତାରିଖ ଠାରୁ ବଳବତ୍ତର ହେବ।

**2 .** ଓଡ଼ିଶା ପୌର ନିଗମ ନିୟମାବଳୀ, 2004ର (ଏହା ପରେ ଉକ୍ତ ନିୟମାବଳୀ ଭାବେ ସୂଚୀତ)ର, ନିୟମ 13 ବଦଳରେ ନିମ୍ନଲିଖିତ ନିୟମଟି ପ୍ରତିସ୍ଥାପିତ ହେବ , ଯଥା: -

"**13.** କର୍ପୋରେଟର ଏବଂ ସ୍ଥାୟୀ କମିଟି ସଦସ୍ୟଙ୍କ ବୈଠକ ଭତ୍ତା -

(1) ସମୟରୁ ସମୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହାରରେ କର୍ପୋରେଟର ମାନେ କର୍ପୋରେସନ ପାଣ୍ଠିରୁ ପ୍ରତି ବୈଠକ ପାଇଁ ବୈଠକ ଭତ୍ତା ପାଇବେ ।

(2) ସମୟରୁ ସମୟ ସରକାରଙ୍କ ଦ୍ୱାରା ଅଧିସୂଚନା ଜରିଆରେ ସ୍ଥିରୀକୃତ ହାରରେ ସ୍ଥାୟୀ କମିଟିର ଅଧ୍ୟକ୍ଷଙ୍କ ସମେତ ସବୁ ସଦସ୍ୟ ମାନେ କର୍ପୋରେସନ ପାଣ୍ଠିରୁ ପ୍ରତ୍ୟେକ ବୈଠକ ପାଇଁ ପ୍ରତି ମାସରେ ବୈଠକ ଭତ୍ତା ପାଇବେ ।

**3.**ଉକ୍ତ ନିୟମାବଳୀର  ନିୟମ 14 ନିମ୍ନ ସଂଶୋଧନ ମତେ ପ୍ରତିସ୍ଥାପିତ ହେବ, ଯଥା: -

"14- ମେୟର ଏବଂ ଡେପୁଟି ମେୟରଙ୍କ ମାସିକ ପାରିଶ୍ରମିକ-

ସମୟରୁ ସମୟ ସରକାରଙ୍କ ଦ୍ୱାରା ଅଧିସୂଚନା ଜରିଆରେ ସ୍ଥିରୀକୃତ ହାରରେ ମେୟର ଏବଂ ଡେପୁଟି ମେୟର କର୍ପୋରେସନ୍ ପାଣ୍ଠିରୁ ମାସିକ ପାରିଶ୍ରମିକ ପାଇବେ । "

[ସଂ.2921—ଏଚ,ୟୁ.ଡ଼ି-ଲେଜିଶ-ପଲିସି-0002-2024/ଗୃ.ନ.ଉ,]

ଜି. ମାଥି ବାଥାନନ୍

ଅତିରିକ୍ତ ମୁଖ୍ୟ ଶାସନ ସଚିବ

Printed and Published by the Director, Printing, Stationery and Publication, Odisha, Cuttack-10
OGP/SBP Ex.Gaz.2472-183+400